**ନିତି ଭାରତୀ** | ଜୀବନଟା ଏକ ପୁସ୍ତକ; ଏହାକୁ ସବୁଠୁ ଅଧିକ ବିକ୍ରି ହେବା ଭଳି ବହିଟିଏରେ ପରିଣତ କରନ୍ତୁ। - **ସାନନ୍ ଗ୍ରେ**

ନିତିଦିନ NITIDIN

ବୁଧବାର, ୧୬ ମେ' ୨୦୧୮

# ୧୬ରୁ ଓଡ଼ିଶା ରାଜନୀତିରେ ନୂଆ ସମ୍ଭାବନା

ମହାନଦୀ ପ୍ରତି ଦେଖା ଦେଇଥିବା ବିପଦକୁ ଲୋକଙ୍କ ପାଖରେ ପହଞ୍ଚାଇ ତାହାକୁ ସଂଗଠିତ ରୂପ ଦେବା ପାଇଁ ବିଜେଡି ପକ୍ଷରୁ ୧୬ ତାରିଖରୁ ଜନଜାଗରଣ ଯାତ୍ରା ଆରମ୍ଭ କରାଯିବ। ମହାନଦୀ ଅବବାହିକା ଅନ୍ତର୍ଗତ ୧୫ଟି ଜିଲ୍ଲାର ପ୍ରାୟ ୪୫ଟି ନିର୍ବାଚନ ମଣ୍ଡଳୀରେ ଏହି ଜନଜାଗରଣ ଯାତ୍ରା ବିଜେଡି ପକ୍ଷରୁ କରାଯିବ। ୧୫୦୦ କିଲୋମିଟର ବ୍ୟାପୀ ଏହି ଜାଗରଣ ଯାତ୍ରା ପାରାଦୀପଠାରେ ଉଦ୍‌ଯାପିତ ହେବ। ଦୀର୍ଘ ୧୮ବର୍ଷ ହେଲା କ୍ଷମତାରେ ଥିବା ରାଜନୈତିକ ଦଳ ବିଜେଡି ପକ୍ଷରୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ହାସ୍ୟାସ୍ପଦ ହେଲେ ମଧ୍ୟ ବର୍ତ୍ତମାନ ଯେପରି ଭାବରେ ମହାନଦୀ ଶୁଖିଲା ପଡ଼ିଛି ଓ ଯେଉଁସବୁ ସ୍ଥାନରେ ପାଣି ଭରି ରହୁଥିଲା, ସେସବୁ ଶୁଖିଲା ପଡ଼ିଆ ହୋଇ ରହିଥିବା କଥାକୁ କେହି ଅସ୍ୱୀକାର କରି ପାରିବେ ନାହିଁ। କିନ୍ତୁ ବିଜେଡିର ଏହି ଆନ୍ଦୋଳନର ମୁଖ୍ୟ ରାଜନୈତିକ ଉଦ୍ଦେଶ୍ୟ ହେଲା, ରାଜ୍ୟରେ ପ୍ରମୁଖ ବିରୋଧୀ ଭୂମିକା ଗ୍ରହଣ କରିବାକୁ ଉଦ୍ୟମ କରୁଥିବା ଓ କେନ୍ଦ୍ର କ୍ଷମତାରେ ଥିବା ବିଜେପିକୁ



**ରବି ଦାସ**

କୋଣଠେସା କରିବା। ଯେହେତୁ ମହାନଦୀର ପାଣିକୁ ଛତିଶଗଡ଼ ସରକାର ବିଭିନ୍ନ ବନ୍ଧବାଡ଼ କରି ଅଟକାଇ ଦେଇଛନ୍ତି, ସେହେତୁ ଅଣମୌସୁମୀ ସମୟରେ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ପାଣି ଆସିବା ପ୍ରାୟ ବନ୍ଦ ହୋଇ ଯାଇଛି। ଛତିଶଗଡ଼ରେ ୨୦୦୩ରୁ ଥିବା ବିଜେପି ନେତୃତ୍ୱାଧୀନ ରମଣ ସିଂହଙ୍କ ସରକାର କେନ୍ଦ୍ର ସହାୟତାରେ ଡ୍ୟାମ୍ ଓ ବ୍ୟାରେଜଗୁଡ଼ିକ ନିର୍ମାଣ କରିଛନ୍ତି। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ପକ୍ଷପାତିତା ଓ ଛତିଶଗଡ଼ ସରକାରଙ୍କର ଏକଚାଟିଆ କାରବାର ବିରୋଧରେ ୧୯୫୬ ଆନ୍ତଃରାଜ୍ୟ ନଦୀ ବିବାଦ ଆଇନ ଅନୁସାରେ ଟ୍ରିବ୍ୟୁନାଲ ଗଠନ ନିମନ୍ତେ ସୁପ୍ରିମ୍‌କୋର୍ଟରେ ମାମଲା କରିଥିଲେ। ସୁପ୍ରିମ୍‌କୋର୍ଟ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ମତାମତ ନେଇ ଟ୍ରିବ୍ୟୁନାଲ ଗଠନ ନିମନ୍ତେ ଗତ ଜାନୁଆରୀ ମାସରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସରକାର ଗତ ମାର୍ଚ୍ଚ ୧୨ ତାରିଖରେ ଟ୍ରିବ୍ୟୁନାଲ ଗଠନ ଘୋଷଣା କରିଛନ୍ତି। ହୀରାକୁଦକୁ ସର୍ବନିମ୍ନ କେତେ ଜଳ ଅଣମୌସୁମୀ ସମୟରେ ପ୍ରବାହିତ ହେବ ଓ ରାଜ୍ୟର ମହାନଦୀ ଜଳରୁ କେତେ ପାଇବା ପାଇଁ ହକ୍‌ଦାର, ତାହା ଟ୍ରିବ୍ୟୁନାଲ୍ ସ୍ଥିର କରିବ। କିନ୍ତୁ ଟ୍ରିବ୍ୟୁନାଲ୍‌କୁ ରାୟ ପ୍ରଦାନ ପାଇଁ ତିନିବର୍ଷ ସମୟ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଏହା ଆଉ ଦୁଇବର୍ଷ ବଢ଼ାଯାଇ ପାରିବ ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଶାସକ ଦଳ ପକ୍ଷରୁ 'ମହାନଦୀ ବଞ୍ଚାଅ ଜନଜାଗରଣ ଆନ୍ଦୋଳନ'ର ପ୍ରକୃତ ଉଦ୍ଦେଶ୍ୟ ଯେ ବିଜେପିକୁ ଏକଘରିକିଆ କରିବା, ତାହା ସ୍ପଷ୍ଟ ଜଣାପଡୁଛି। ଛତିଶଗଡ଼ରେ ମହାନଦୀ ଉପରେ ପ୍ରାୟ ୧୫ଟି ବ୍ୟାରେଜ୍‌କୁ କେନ୍ଦ୍ର ସରକାର ଅନୁମୋଦନ ଦେଇଛନ୍ତି। ଯେଉଁ ପ୍ରକଳ୍ପଗୁଡ଼ିକର ଜଳସେଚନ କ୍ଷମତା ୨ ହଜାର ହେକ୍ଟରରୁ ଅଧିକ, କେବଳ ସେହିଗୁଡ଼ିକ କେନ୍ଦ୍ର ସରକାରଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯାଏ। ଆନ୍ତଃରାଜ୍ୟ ନଦୀ ହୋଇ ଥିବାରୁ ଏହିସବୁ ପ୍ରକଳ୍ପ ସଂକ୍ରାନ୍ତରେ ଓଡ଼ିଶାକୁ ଜଣାଇବା ପାଇଁ ଛତିଶଗଡ଼ ସରକାର ବାଧ୍ୟ। ଓଡ଼ିଶା ସରକାରଙ୍କଠାରୁ ପ୍ରତିବାଦ ନହେଲେ କେନ୍ଦ୍ର ସରକାର ପ୍ରକଳ୍ପ ଅନୁମୋଦନ କରିଥାନ୍ତି। ଏଣୁ ଯେଉଁସବୁ ପ୍ରକଳ୍ପଗୁଡ଼ିକ ରମଣ ସିଂହଙ୍କ ଶାସନ କାଳ ଭିତରେ ଛତିଶଗଡ଼ରେ କରାଯାଇଛି, ସେଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକର ଜଳସେଚନ କ୍ଷମତା ଦୁଇ ହଜାର ହେକ୍ଟରରୁ ଅଧିକ, ସେଗୁଡ଼ିକ ସଂକ୍ରାନ୍ତରେ ରାଜ୍ୟ ସରକାର ନିଶ୍ଚିତ ଅବଗତ ଥିଲେ। ନିଜେ ମୁଖ୍ୟମନ୍ତ୍ରୀ ପ୍ରାୟ ୧୫ବର୍ଷ କାଳ ଜଳସମ୍ପଦ ବିଭାଗର ମନ୍ତ୍ରୀ ଥିବାରୁ ଏବଂ ସେହି ବିଭାଗର ମହାନଦୀରେ ବନ୍ୟାଜଳ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ ପାଇଁ ଛତିଶଗଡ଼ରେ ଅଫିସ୍‌ସବୁ ଥିବାରୁ ରାଜ୍ୟ ସରକାର ଏସବୁ ସଂକ୍ରାନ୍ତରେ ୨୦୧୬ରେ ପ୍ରଶ୍ନ ଉଠାଇବା ଓ କେନ୍ଦ୍ର ସରକାର ଏହିସବୁ ପ୍ରକଳ୍ପକୁ ଅନୁମତି ଦେବା ସମୟରେ ରାଜ୍ୟର ମତାମତ ଠିକ୍ ଭାବରେ ନନେବା ଅନେକଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉତ୍ଥାପନ କରୁଛି। ଇତି ମଧ୍ୟରେ ମୁମ୍ବାଇ ଓ ମାଡ୍ରାଜ ଆଇଆଇଟିର ଏକ ବିଶେଷଜ୍ଞ କମିଟି ରିପୋର୍ଟ ଦେଇଛନ୍ତି ଯେ ମହାନଦୀରେ ଜଳପ୍ରବାହ କମୁଛି। ରାଜ୍ୟ ସରକାରଙ୍କ ଶୋଇ ରହିବା ପ୍ରକୃତି ଯୋଗୁ ମହାନଦୀ ଅବସ୍ଥା ଧୀରେ ଧୀରେ ଖରାପ ହୋଇଥିବା କେହି ଅସ୍ୱୀକାର କରି ପାରିବେ ନାହିଁ। କିନ୍ତୁ ଏ ପ୍ରସଙ୍ଗ ଉଠିବା ସମୟରେ ଛତିଶଗଡ଼ରେ ବିଜେପି ସରକାର ଥିବାରୁ ଓଡ଼ିଶାର ବିଜେପି ନେତାମାନେ ରାଜ୍ୟ ସ୍ୱାର୍ଥକୁ ଭୁଲି ଛତିଶଗଡ଼ର ଭାଷା କହିବା ଦ୍ୱାରା ଓଡ଼ିଶାର ଶାସକ ଦଳ ଏବେ ମହାନଦୀ ବଞ୍ଚାଅ ଜନଜାଗରଣ ଆନ୍ଦୋଳନ ଜରିଆରେ ବିଜେପିକୁ ଅସୁବିଧାରେ ପକାଇବା ଉଦ୍ୟମ କରିପାରୁଛି।

ମହାନଦୀ ବିବାଦ ୨୦୧୬ ଆରମ୍ଭରେ ଉତ୍ଥାପିତ ହେବା କ୍ଷଣି ଏ ବ୍ୟାପାରରେ ସର୍ବଦଳୀୟ ବୈଠକ ଡକାଯିବାକୁ ଚାରିଆଡୁ ଦାବି ହୋଇଥିଲା। ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ଛତିଶଗଡ଼ ଯାଇଥିଲେ। କଂଗ୍ରେସ ପକ୍ଷରୁ ମଧ୍ୟ ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଛତିଶଗଡ଼ ଯାଇଥିଲେ। ବିଭିନ୍ନ ସାମାଜିକ ସଂଗଠନ, ବ୍ରଜ କିଶୋର ତ୍ରିପାଠୀ, ପଞ୍ଚାନନ କାନୁନ୍‌ଗୋ ଛତିଶଗଡ଼ ଯାଇ ସେମାନଙ୍କ ମତାମତ ଦେବା ସମୟରେ ଦୁଇ ରାଜ୍ୟର ସାମାଜିକ ଓ କୃଷକ ସଂଗଠନ ପକ୍ଷରୁ ସଭା କରାଯାଇ ମହାନଦୀ ଜଳକୁ ଉଭୟ ସରକାର ବିଦ୍ୟୁତ୍ ପ୍ରକଳ୍ପ ଓ ଶିଳ୍ପାନୁଷ୍ଠାନମାନଙ୍କୁ ଦେବା ନିମନ୍ତେ ଆଗୁଆ ଅର୍ଥ ନେଇ ଯେଉଁସବୁ କାରବାର କରୁଛନ୍ତି, ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଚାଷୀ ଓ ଲୋକମାନଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ଦୁଇ ରାଜ୍ୟ ସରକାର ବ୍ୟସ୍ତ ବୋଲି ଅଭିଯୋଗ କରାଯାଇଛି। ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ ନ ଡାକିବା ଫଳରେ ବିରୋଧୀ ଦଳ ନେତାଙ୍କ ଆହ୍ୱାନ କ୍ରମେ ଏକ ସର୍ବଦଳୀୟ ବୈଠକ ଡକା ଯାଇଥିଲା। ଏଥିରେ କେବଳ ବିଜେଡିକୁ ବାଦ୍ ଦେଇ ସବୁ ରାଜନୈତିକ ଦଳ ଓ ରାଜ୍ୟର ପ୍ରମୁଖ ସାମାଜିକ ସଂଗଠନମାନେ ଯୋଗ ଦେଇଥିଲେ। ସେଠାରେ ସର୍ବ ସମ୍ମତିକ୍ରମେ ଯେଉଁ ପ୍ରସ୍ତାବ ଗୃହୀତ ହୋଇଥିଲା, ସେଥିରେ ରାଜ୍ୟ ସରକାର ମହାନଦୀ ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଆହ୍ୱାନ କରା ଯାଇଥିଲା। ଶ୍ୱେତପତ୍ରରେ ମହାନଦୀ ସଂକ୍ରାନ୍ତରେ ସମସ୍ତ ତଥ୍ୟ, ଛତିଶଗଡ଼ ସରକାର କରୁଥିବା ପ୍ରକଳ୍ପ, ରାଜ୍ୟ ସରକାର କରୁଥିବା ପ୍ରକଳ୍ପ ଏବଂ ହୀରାକୁଦ ସମ୍ପର୍କରେ ସମସ୍ତ ତଥ୍ୟ ଉପଲବ୍ଧ ହୋଇଥାନ୍ତା। ଏହିସବୁ ତଥ୍ୟକୁ ଦେଖି ରାଜ୍ୟବାସୀ ବିଚାର କରି ପାରିଥାନ୍ତେ କେଉଁଭଳି ଭାବରେ ଓ କାହିଁକି ମହାନଦୀର ବର୍ତ୍ତମାନ ଅବସ୍ଥା ସୃଷ୍ଟି ହୋଇଛି। କିନ୍ତୁ ରାଜ୍ୟ ସରକାର ଏ ଦିଗରେ ନ ଯାଇ ମହାନଦୀ ଜଳ ବିବାଦକୁ ସୁପ୍ରିମ୍‌କୋର୍ଟକୁ ଆଣି ଟ୍ରିବ୍ୟୁନାଲ୍ ଗଠନ କରାଇଛନ୍ତି। ଏକ ସାମାଜିକ ସଂଗଠନ ପକ୍ଷରୁ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ ଛତିଶଗଡ଼ ସରକାରଙ୍କ ପ୍ରକଳ୍ପ ବିଷୟରେ ମାମଲା ମଧ୍ୟ ଚାଲିଛି। ଯେହେତୁ ମହାନଦୀ ଉପରେ ଟ୍ରିବ୍ୟୁନାଲ୍ ଗଠନ କରାଯାଇଛି, ସେହେତୁ ବିଜେଡି ମହାନଦୀ ବଞ୍ଚାଅ ଆନ୍ଦୋଳନ ଜରିଆରେ ରାଜନୈତିକ ଉଦ୍ଦେଶ୍ୟ ସାଧିତ କରିବା ବ୍ୟତୀତ ଅନ୍ୟ କିଛି କରି ପାରିବେ ନାହିଁ। ଲୋକମାନେ ବିଜେଡିର ଏହି ଆନ୍ଦୋଳନକୁ କେଉଁଭଳି ଭାବରେ ଦେଖୁଛନ୍ତି ଓ କିପରି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି, ତାହା ୧୬ ତାରିଖରେ ଏହି ଆନ୍ଦୋଳନ ଆରମ୍ଭ ସମୟରେ ଅଧିକ ସ୍ପଷ୍ଟ ହେବ।

୧୬ ତାରିଖରୁ ଓଡ଼ିଶା ରାଜନୀତି ନୂଆ ମୋଡ଼ ନେବ ବୋଲି ଯେଉଁ ସମ୍ଭାବନା ପ୍ରକାଶ ପାଉଛି, ତାହା ଏହି ମହାନଦୀ ବଞ୍ଚାଅ ଆନ୍ଦୋଳନ ପାଇଁ ନୁହେଁ। ପ୍ରକୃତ କାରଣ ହେଉଛି, ୧୫ ତାରିଖରେ କର୍ଣ୍ଣାଟକ ନିର୍ବାଚନର ଫଳାଫଳ ପ୍ରକାଶ ପାଇବ। ତ୍ରିପୁରାରେ ବିଜେପିର ବିଜୟକୁ ବଡ଼ ଆକାରରେ ପ୍ରଦର୍ଶିତ କରାଯାଇଥିଲେ ମଧ୍ୟ ଏହା ସେଭଳି ପ୍ରଭାବଶାଳୀ ନୁହେଁ ଓ ତ୍ରିପୁରାର ରାଜନୈତିକ ପ୍ରଭାବ ଅନ୍ୟ ରାଜ୍ୟ ଉପରେ ପଡ଼ିବାର ସମ୍ଭାବନା ମଧ୍ୟ ନଥାଏ। ତ୍ରିପୁରା ନିର୍ବାଚନ ସଂକ୍ରାନ୍ତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମାଣିକ ସରକାର ଭୁବନେଶ୍ୱରରେ ଏକ ସଭାରେ ଯାହାସବୁ କହିଛନ୍ତି, ସେଥିରେ ତ୍ରିପୁରାରେ ବିଜେପିର ବିଜୟକୁ କେହି ଯୁଗାନ୍ତକାରୀ ବୋଲି କହିବେ ନାହିଁ। କିନ୍ତୁ କର୍ଣ୍ଣାଟକ ନିର୍ବାଚନରେ କଂଗ୍ରେସ ଓ ବିଜେପି ଏପରି ସ୍ଥିତିରେ ଅଛନ୍ତି ଓ ଯେଉଁପରି ଭାବରେ ଉଭୟ ପକ୍ଷରୁ ବିପୁଳ ସମ୍ବଳ ସହିତ ପ୍ରଚାର କରାଯାଇଛି, ସେଥିରେ କର୍ଣ୍ଣାଟକ ଫଳାଫଳ ଉଭୟ କଂଗ୍ରେସ ଓ ବିଜେପି ପାଇଁ ସବୁଆଡ଼େ ପ୍ରଭାବ ପକାଇବ। କର୍ଣ୍ଣାଟକରେ କଂଗ୍ରେସ କ୍ଷମତାରେ ଅଛି ଓ ଗତ ୩୦ବର୍ଷ ମଧ୍ୟରେ ସେହି ରାଜ୍ୟରେ ପ୍ରତି ନିର୍ବାଚନରେ ସରକାର ପରିବର୍ତ୍ତନ ହେଉଛି। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଏହି ୩୦ବର୍ଷ ଭିତରେ କେନ୍ଦ୍ରରେ କ୍ଷମତାରେ ଥିବା କୌଣସି ଦଳକୁ କର୍ଣ୍ଣାଟକରେ ସରକାର ଗଠନ ପାଇଁ ସୁଯୋଗ ମିଳିନାହିଁ। ବିଜେପି ୨୦୦୮ରେ କର୍ଣ୍ଣାଟକରେ କ୍ଷମତା ଗ୍ରହଣ କରିବା ସମୟରେ କେନ୍ଦ୍ରରେ ୟୁପିଏ ସରକାର ରହିଥିଲା। ୨୦୧୩ରେ କଂଗ୍ରେସ କ୍ଷମତା ଗ୍ରହଣ କରିବା ସମୟରେ ୟୁପିଏ ସରକାର ଗାଦିଚ୍ୟୁତ ହେବାକୁ ଯାଉଛି ବୋଲି ସୂଚନା ମିଳି ସାରିଥିଲା। କର୍ଣ୍ଣାଟକରେ ଜାତିଆଣ ରାଜନୀତି, ସାମ୍ପ୍ରଦାୟିକ ଧ୍ରୁବୀକରଣର ଉଦ୍ୟମ ଓ କେତେଗୁଡ଼ିଏ ହତ୍ୟାକାଣ୍ଡ ସହିତ ଦେଶର ଏପରିକି ବିଶ୍ୱର ଆଇଟି କ୍ୟାପିଟାଲ କୁହାଯାଉଥିବା ବାଙ୍ଗାଲୋର ସହରର ସଚେତନତା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାହୁଲ ଗାନ୍ଧିଙ୍କର ବ୍ୟାପକ ପ୍ରଚାର ଅଭିଯାନର ଫଳାଫଳ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ନିଜର ନେତୃତ୍ୱ ଓ ଦକ୍ଷତା ପ୍ରତିପାଦନ କରିଥିବା ସମୟରେ ବିଜେପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ୟେଦ୍ୟୁରପ୍ପାଙ୍କ ଭାବମୂର୍ତ୍ତି ବହୁ ପରିମାଣରେ ମଳିନ ହୋଇ ଯାଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦଳର ସଭାପତି ଅମିତ ଶାହ କର୍ଣ୍ଣାଟକ ନିର୍ବାଚନ ପ୍ରଚାରର ସମସ୍ତ ଦାୟିତ୍ୱ ନିଜ ଉପରକୁ ନେଇ ଯେଉଁ ଅଭିଯାନ ଚଳାଇଛନ୍ତି, ସେଥିରେ କଂଗ୍ରେସ ଓ ସିଦ୍ଧରମୈୟା କେତେଦୂର ତିଷ୍ଠି ପାରିବେ, ତାହା ନେଇ ପ୍ରଶ୍ନବାଚୀ ରହିଛି। ତୃତୀୟ ଦଳ ଭାବରେ ଦେବେଗୌଡ଼ାଙ୍କ ଜେଡିଏସ୍ ରାଜ୍ୟର ଦ୍ୱିତୀୟ ବୃହତ୍ତମ କ୍ଷମତାଶାଳୀ ଗୋଷ୍ଠୀ ଭୋକାଲିକାମାନଙ୍କର ସମର୍ଥନ ସହିତ ସଂଖ୍ୟାଲଘୁଙ୍କ କିଛି ସମର୍ଥନ ଯୋଗୁ ନିର୍ବାଚନ ଫଳାଫଳରେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଅନୁମାନ କରାଯାଉଛି। ସିଦ୍ଧରମୈୟଙ୍କ ପଛରେ ପଛୁଆ ବର୍ଗ, ଦଳିତ ଓ ମୁସଲମାନମାନଙ୍କର ଅଧିକ ସମର୍ଥନ ରହିଥିବା ସମୟରେ ବିଜେପି ସପକ୍ଷରେ ଲିଙ୍ଗାୟତ ଓ ଉଚ୍ଚ ଜାତିମାନଙ୍କର ସମର୍ଥନ ରହିଛି। କଂଗ୍ରେସ ଓ ବିଜେପି ମଧ୍ୟରୁ ଯେଉଁ ଦଳ କର୍ଣ୍ଣାଟକରେ ସରକାର ଗଠନ କରିବ, ଓଡ଼ିଶାରେ ସେହି ଦଳ ଅଧିକ ସଂଗଠିତ ହେବା ପାଇଁ ଉତ୍ସାହ ପାଇବ। ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଦଳ ବିଗିଡ଼ି ଯାଇଥିବା ଓ ଉତ୍ସାହ ହରାଇ ଥିବା ନେତା ଓ କର୍ମୀମାନଙ୍କୁ ଏକଜୁଟ କରୁଛନ୍ତି। ବିଜୟ ହାସଲ ପାଇଁ କର୍ଣ୍ଣାଟକ ନିର୍ବାଚନ ଓ ପରେ ଛତିଶଗଡ଼ ନିର୍ବାଚନ ଉପରେ ଦଳ ନିର୍ଭର କରିବ। ଠିକ୍ ସେହିପରି ବିଜେପୁର ଉପନିର୍ବାଚନର ବିପର୍ଯ୍ୟୟ ପରେ କର୍ଣ୍ଣାଟକ ଓ ଛତିଶଗଡ଼ ପ୍ରଭୃତିରେ ଦଳର ବିଜୟକୁ ବିଜେପି ଅପେକ୍ଷା କରି ରହିଛି। ସବୁ ଦୃଷ୍ଟିରୁ ବିଚାର କଲେ ୧୬ ତାରିଖରୁ ରାଜ୍ୟର ତିନୋଟି ଯାକ ପ୍ରମୁଖ ରାଜନୈତିକ ଦଳ ପାଇଁ ନୂଆ ବାତାବରଣ ସୃଷ୍ଟି ହେବ। ■

**ବରିଷ୍ଠ ସାମ୍ବାଦିକ**

**ମୋ: ୮୦୧୮୦୯୪୪୫୫/ ୯୪୩୭୪୦୪୪୫୫**

# ସୁଖ ବୋଲି ଯାହା ଜନନେତ୍ରେ ଦିଶେ

ଜୀବନ ଧାବମାନ। ସମୟ ସ୍ରୋତରେ ସବୁକିଛି ଓଲଟ ପାଲଟ ହୋଇଯାଉଛି। ମନୁଷ୍ୟ ଆଶା ନେଇ ବଞ୍ଚି ରହିଛି। କେତେବେଳେ ଆଶା ନିରାଶାରେ ପରିଣତ ହେଉଛି ତ କେତେବେଳେ ଅପ୍ରତ୍ୟାଶିତ ଭାବରେ ଦୁର୍ଲଭ ପଦାର୍ଥମାନ ମିଳିଯାଉଛି। ଆଶାର ସ୍ୱପ୍ନ ଏ କ୍ଷଣଭଙ୍ଗୁର ଅସାର ସଂସାରରେ ଶେଷ ହେଉନି। ମନୁଷ୍ୟ ଅନେକ ସମୟରେ ଅତୃପ୍ତି, ଅଶାନ୍ତି, ହତାଶା, ନିରାଶା ଓ ବ୍ୟର୍ଥତା ଦେଇ ଗତି କରୁଛି।



**ନିର୍ମଳ ଚନ୍ଦ୍ର ସାମଲ**

ସେଥିପାଇଁ ଭାଗ୍ୟ ଓ ଭଗବାନଙ୍କୁ ଦାୟୀ କରିବାକୁ ପଶ୍ଚାତ୍‌ପଦ ହେଉନାହିଁ। ଦିନେ ରାଜକୁମାର ଗୌତମ କ୍ଷଣିକ ସୁଖ, ପ୍ରାଚୁର୍ଯ୍ୟ, ଅସ୍ଥାୟୀ ଧନ ସମ୍ପତ୍ତିକୁ ତୁଚ୍ଛ ମଣି ରାଜ୍ୟ ତ୍ୟାଗ କରି ସନ୍ନ୍ୟାସୀ ହୋଇ ଯାଇଥିଲେ। ସେ ସମସ୍ତ ସୁଖ ସମ୍ପଦ ଅସାର ଓ ଅଳୀକ ଏବଂ ଜୀବନ ବାସ୍ତବ ବୋଲି ଉପଲବ୍ଧି କରିଥିଲେ। ଜୀବନରେ ଜନ୍ମ ଓ ମୃତ୍ୟୁ ସତ୍ୟ ଓ ଚିରନ୍ତନ। ଏହାର ବ୍ୟତିକ୍ରମ ହୁଏନାହିଁ। ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ମଝି ଜୀବନ ଅସତ୍ୟ ଓ ଅସାର ଉପରେ ପର୍ଯ୍ୟବସିତ। ତେଣୁ ମାନବ ଜୀବନକୁ ଅଢ଼େଇ ଦିନିଆ କୁଣିଆ ବୋଲି କୁହା ଯାଇଥାଏ। ମଣିଷ ଖାଲିହାତରେ ଜନ୍ମ ହୁଏ ଓ ଖାଲି ହାତରେ ମୃତ୍ୟୁ ପଥର ଯାତ୍ରୀ ହୁଏ। ଏକଥା ମୂଢ଼ ମାନବ ବୁଝି ନପାରି ମିଥ୍ୟା ଗର୍ବ, ଅହଙ୍କାର ପ୍ରଦର୍ଶନ କରେ। ଅର୍ଥ, କ୍ଷମତା ବଳରେ ଧରାକୁ ସରା ମନେକରେ। ଭାଇ, ବନ୍ଧୁ, ସଖା- ସମସ୍ତେ ସୁଖର ସାଥୀ। ଏ ଜଗତ ଓ ଜୀବନ ଚିରନ୍ତନ ସତ୍ୟ ଓ ଶାଶ୍ୱତ। ଏ ସମ୍ପର୍କରେ ବ୍ୟାସକବି ଫକୀର ମୋହନ ସେନାପତି ଲେଖିଛନ୍ତି- 'ସୁଖ ସମ୍ପଦରେ ସଭିଏଁ ସାଥୀ, ଦିବା ଆଲୋକରେ ଜାଳନ୍ତି ବତି, ସରିଯାଏ ଯେବେ ସୁଖ ସମ୍ପତ୍ତି, ସଭିଏ ଅନ୍ତର, ଡାକିଲେ କେ ଅଛି ଦେବ ଉତ୍ତର ?' ଏ ସଂସାରରେ କିଛି ଦିନ ରହି ମନୁଷ୍ୟ ମୃତ୍ୟୁ ପଥର ଯାତ୍ରୀ ହୋଇଥାଏ। ମନୁଷ୍ୟ ସାଧନା କଲେ ନିଶ୍ଚିତ ସିଦ୍ଧିଲାଭ କରିବ। ଅଳୀକ ସୁଖ ସମ୍ପଦ ପଛରେ ଗୋଡ଼ାଇ କିଛି ଲାଭ ନାହିଁ। କାଳ ଦ୍ୱାରା ମନୁଷ୍ୟ କବଳିତ। ସମୟ ସ୍ରୋତ ଧାବମାନ। ବୟସ ବୃଦ୍ଧି ହେବା ସଙ୍ଗେସଙ୍ଗେ ମନୁଷ୍ୟର ଜୀବନ ଦୀପ ଲିଭି ଲିଭି ଆସୁଛି। ଏକଥା ସହଜରେ ଜାଣିହୁଏ ନାହିଁ। କାମିନୀ, କାଞ୍ଚନ, ବିଷୟ ମୋହଗ୍ରସ୍ତ ମନୁଷ୍ୟ ସବୁ ଜାଣି ମଧ୍ୟ ଅଜଣା। ଯେଉଁ ବୟସ ଗଡ଼ିଯାଉଛି, ସେ ଆଉ ଫେରିବ ନାହିଁ- ଏକଥା ସାଧୁ ସନ୍ଥମାନେ ତାଙ୍କ କାବ୍ୟ କବିତାରେ ଲେଖି ଯାଇଛନ୍ତି- 'ଉଡୁଛି କାଳ ଛଞ୍ଚାଣ ମନେ ନାହିଁ କି ?' କେତେବେଳେ ଝାମ୍ପି ନେବ କହି ହେବନାହିଁ। ଭୋଗବାଦୀ ମଣିଷ ଏ ସମସ୍ତ ନ ଜାଣି ନାନା ଭୋଗ ବିଳାସରେ ମାତୁଛି। ଆସକ୍ତିରେ ପ୍ରମତ୍ତ ହୋଇ ଅବାଟରେ ଯାଉଛି। ସୁନୀଳ ସରସୀ ଜଳରେ କ୍ରୁର ଅହି କବଳରେ ପଡ଼ି ମଣ୍ଡୁକଟି ଛଟପଟ ହେଉଛି। ଜୀବନ ଦୀପ ଲିଭି ଆସୁଥିବା ବେଳେ ସମ୍ମୁଖରେ କ୍ଷୁଦ୍ର କୀଟ ପାଇ ଝାମ୍ପି ପଡୁଛି ଖାଇବା ପାଇଁ। ତୁଳସୀ ସ୍ତବକର ପ୍ରତି ଛତ୍ରେଛତ୍ରେ ମଣିଷକୁ ଚେତାବନୀ ଦିଆଯାଇଛି। ମନୁଷ୍ୟ ଲୋଭ ରୂପକ ଭଉଁରୀରେ ବୁଡ଼ି ବୁଡ଼ି ନଯାନ୍ତ ହେଉଛି। ଜଠର କ୍ଷୁଧା, ଯୌବନ କ୍ଷୁଧା, ଅର୍ଥ ଭୋଗ, ପଦପଦବୀ, ପ୍ରତିଷ୍ଠା, ଲୋଭ ମନୁଷ୍ୟକୁ ବିଚାର ବୁଦ୍ଧି ଶୂନ୍ୟ କରି ଅମଡ଼ା ବାଟକୁ ଟାଣି ନେଉଛି।

ମନୁଷ୍ୟ ଅଳ୍ପରେ ସନ୍ତୁଷ୍ଟ ହୋଇପାରେ ନାହିଁ। ଅଧିକରୁ ଅଧିକ ଆଶା କରେ। ଏହା ହିଁ ବିପଦର କାରଣ ହୋଇଥାଏ। ସୀମାହୀନ ଆଶା, ଲୋଭ, ପାପ ଓ ମୃତ୍ୟୁ ପାଖକୁ ନେଇଯାଏ। ପଦପଦବୀରେ ଥିବା ବ୍ୟକ୍ତି ଲୋଭର ବଶବର୍ତ୍ତୀ ହୋଇ ବେଆଇନ ପାଉଣା ପାଇବା ପାଇଁ ବହୁ ଫନ୍ଦି ଫିକର କରିଥାନ୍ତି। ପରିଣତ ବୟସ ଓ କ୍ଷମତାରୁ ଅପସରି ଗଲା ପରେ ତାକୁ ସବୁ ଅନ୍ଧାର ଦେଖାଯାଏ। କେହି ପାଖକୁ ଭଲ ମନ୍ଦ ପଚାରିବାକୁ ଆସନ୍ତି ନାହିଁ। ଥୁଣ୍ଟା ବରଗଛ ହୋଇ ମୃତ୍ୟୁକୁ ଅପେକ୍ଷା କରିବା ହିଁ ସାର ହୁଏ। କେବଳ ଧନ ସମ୍ପତ୍ତି ଠୁଳ କରି ଉପଭୋଗ ନକଲେ କିମ୍ବା ଦାନ ଧର୍ମ ଓ ଦୁଃଖୀରଙ୍କିଙ୍କୁ ନଦେଲେ ଧନ ଅର୍ଜନର ସାର୍ଥକତା ରହେନାହିଁ। ତେଣୁ ବଦାନ୍ୟ ବ୍ୟକ୍ତିମାନେ ସମାଜର ବିଭିନ୍ନ କ୍ଷେତ୍ରରେ ଥିବା ଅନୁଷ୍ଠାନ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି। ସଞ୍ଚିତ ଧନ ଖଣ୍ଟ ଖାଇବେ ବୋଲି କଥିତ ଅଛି। ଖଣ୍ଟ, ଚୋର, ତସ୍କର ଅର୍ଥ ଲୁଟ୍ କରିବା ପୂର୍ବରୁ ମହତ ଉଦ୍ଦେଶ୍ୟରେ ଅର୍ଥ ସମ୍ପତ୍ତି ଦାନ କରିବା ଉଚିତ। ଆଶା ବୈତରଣୀ ନଦୀ। ଅଳ୍ପରେ ସନ୍ତୁଷ୍ଟ ହୋଇ ସାଧକ ଜୀବନ ଆଚରଣ କଲେ ଜୀବନରେ ସୁଖ ଶାନ୍ତି ମିଳି ପାରିବ- ଏକଥା ମହାନ ସନ୍ଥମାନେ ଲେଖି ଯାଇଛନ୍ତି। ନିୟତିକୁ କରାୟତ୍ତ କରିବା ସହଜ ନୁହେଁ। ବହୁତ ଆଶା କରି ଦୁଃଖ ଯନ୍ତ୍ରଣା ଭୋଗିବା ହିଁ ସାର ହୁଏ। ଲୋଭ ମୋହରେ ପତଙ୍ଗ ଅଗ୍ନିକୁ ଆକର୍ଷିତ ହୋଇ ପୋଡ଼ି ମଲା ପରି ସବୁ ଜାଣୁଥିବା ମଣିଷ ଉପଭୋଗ ଲାଳସାର ମୋହରେ ଅନ୍ଧ ହୋଇ ସମଦଶା ଭୋଗ କରେ। ଜୀବନକୁ ସାର୍ଥକ କରିବା ପାଇଁ ସାଧୁ ସନ୍ଥମାନେ ସଂସାର ବିରାଗୀ ହୋଇଥାନ୍ତି। ଅନେକ ବ୍ୟକ୍ତି ପରିବାର ଓ ସଂସାରରେ ରହି ନୀତି ନିୟମ ମାନି ଶୃଙ୍ଖଳିତ ଜୀବନ ଯାପନ କରି ମାନ ସମ୍ମାନ ଲାଭ କରିଥାନ୍ତି। କିନ୍ତୁ ଆଜିର ଭୋଗବାଦୀ ମନୁଷ୍ୟ ଶାନ୍ତିର ପଥ ଅନୁସନ୍ଧାନ କରିବାକୁ ଯାଇ ଅଶାନ୍ତିରେ ଛଟପଟ ହେଉଛି। କେବଳ ଆଧ୍ୟାତ୍ମିକ ମାର୍ଗ ହିଁ ଏଥିରୁ ତାକୁ ମୁକ୍ତି ଦେଇ ପାରିବ। ■

**ବରିଷ୍ଠ ସାମ୍ବାଦିକ**

**ଚଣ୍ଡିଖୋଲ, ଯାଜପୁର**

# କାଳବୈଶାଖୀ ଓ କର୍ତ୍ତବ୍ୟ

ଗ୍ରୀଷ୍ମପ୍ରଧାନ ଦେଶ ଭାରତରେ ଗ୍ରୀଷ୍ମ ଋତୁ ଯେ କେବଳ ଜନସାଧାରଣଙ୍କ ପାଇଁ ଅସହ୍ୟ ଉତ୍ତାପ ଓ କେତେକ ଅଞ୍ଚଳର ଲୋକଙ୍କ ପାଇଁ ଉତ୍କଟ ଜଳକଷ୍ଟ ବହନ କରି ଆଣିଥାଏ, ତା' ନୁହେଁ; ବୈଶାଖ ଜ୍ୟେଷ୍ଠ ମାସରେ ଲୋକମାନେ କାଳବୈଶାଖୀର ତାଣ୍ଡବ ଲୀଳାକୁ ମଧ୍ୟ ସାମ୍ନା କରିଥାନ୍ତି ଯାହା କେତେକ ସମୟରେ ଅନେକ ଧନ ଜୀବନ ହାନିର କାରଣ ପାଲଟି ଥାଏ। ଧୂଳିଝଡ଼ ଓ କୁଆପଥର ବୃଷ୍ଟି ସହିତ ଏଇ ପ୍ରାକୃତିକ ଦୁର୍ବିପାକ ଗତ ରବିବାର ଦିନ ଦେଶର ବେଶ୍ କେତେକ ଭାଗରେ ରଚିଥିଲା ତା'ର ସେହି ଲୀଳା ଯେଉଁଥିରେ ଚାରିଗୋଟି ରାଜ୍ୟର ପ୍ରାୟ ୭୦ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ସୋମବାର ଦିନ ଦ୍ୱିପ୍ରହର ସମୟରେ ମଧ୍ୟ ଝଡ଼ ବତାସ ଭଳି ପବନ ସାଙ୍ଗକୁ ଅଚାନକ ଘୋର ବର୍ଷା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ୮ ଜଣଙ୍କ ପ୍ରାଣହାନିର କାରଣ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଏନ୍‌ଡିଏମ୍‌ଏ (ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ) ନିକଟରେ ପ୍ରସ୍ତାବଟିଏ ଦେଇଛି ଯେ ଆଇଏମ୍‌ଡି (ଭାରତୀୟ ପାଣିପାଗ ବିଭାଗ) ଦ୍ୱାରା ପ୍ରଦତ୍ତ ସୂଚନା ଆଧାରରେ ଏହା ଉପରୋକ୍ତ ବିପଦର ଆଶଙ୍କା ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳର ମୋବାଇଲ ଫୋନ୍ ବ୍ୟବହାରକାରୀଙ୍କୁ ମୋବାଇଲ ଜରିଆରେ ପାଣିପାଗର ସତର୍କ ବାଣୀ ପ୍ରେରଣ କରିବ। ୨୦୧୪ରେ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବର୍ତ୍ତମାନର ପ୍ରଚଳିତ ବ୍ୟବସ୍ଥା ଅପେକ୍ଷା ଏହା ଅଧିକ ଉନ୍ନତ, କାରଣ ଏହି ବ୍ୟବସ୍ଥା କେବଳ ପ୍ରଶାସନିକ କର୍ମଚାରୀ ଏବଂ ସେହି ଲୋକମାନଙ୍କୁ ସତର୍କ ସୂଚନା ପ୍ରଦାନ କରିଥାଏ ଯେଉଁମାନେ ଏହାର ୱେବ୍‌ସାଇଟ୍‌ରେ ନିଜର ନାମକୁ ପଞ୍ଜିକୃତ କରାଇ ଥାଆନ୍ତି। ତେବେ ଏହା ସତ୍ତ୍ୱେ କାଳବୈଶାଖୀ ପ୍ରଭାବରେ ମୃତ୍ୟୁ ସଂଖ୍ୟା ଦିନ ପରେ ଦିନ ବଢ଼ି ଚାଲିଛି।

ପ୍ରଶ୍ନ ଉଠେ- ପ୍ରସ୍ତାବିତ ନୂଆ ବୈଷୟିକ ଜ୍ଞାନକୌଶଳର ବିକାଶ କ'ଣ ତା'ହେଲେ ଏକାକୀ ଉପରୋକ୍ତ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ହେଉଥିବା କ୍ଷୟକ୍ଷତିକୁ ରୋକିବାରେ ପ୍ରଭାବଶାଳୀ ସାବ୍ୟସ୍ତ ହେବ ? ଲୋକମାନେ ଏହି ସେବାର ଫାଇଦା ଉଠାଇବା ପାଇଁ ଏହି ବ୍ୟବସ୍ଥାର ଯଥେଷ୍ଟ ପ୍ରଚାର ପ୍ରସାର କରାଯାଇଛି କି ? ବାସ୍ତବିକତା ହେଉଛି- ନୂଆ ଜ୍ଞାନକୌଶଳର ଫାଇଦା ଉଠାଇବା ପାଇଁ ପର୍ଯ୍ୟାପ୍ତ ପରିମାଣର ଭିତ୍ତିଭୂମି ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଦେଶର ହାରାହାରି ୭୦ ଭାଗ ଲୋକ ରୁହନ୍ତି ଗ୍ରାମାଞ୍ଚଳରେ। ପୁଣି ମୋବାଇଲ ଫୋନ୍ ହେଉ କି ଇଣ୍ଟରନେଟ୍ ସେବାକୁ ବାଦ୍ ଦେଲେ ବି ଗ୍ରାମାଞ୍ଚଳରେ ଶିକ୍ଷାର ମାନ ସେତେଟା ଉନ୍ନତ ନୁହେଁ ଯଦ୍ୱାରା ସେମାନେ ନୂତନ ଜ୍ଞାନକୌଶଳକୁ ବୁଝି ପାରିବେ କି ତା'ର ଉପଯୋଗ କରି ପାରିବେ। ତେଣୁ ସେମାନଙ୍କ ପାଇଁ ସତର୍କ ସୂଚନା ପ୍ରଦାନ କରିବାର ପାରମ୍ପରିକ କୌଶଳ ହିଁ ଭଲ ଏବଂ ଅପରିହାର୍ଯ୍ୟ। ତେଣୁ ସ୍ଥାନୀୟ ବିପର୍ଯ୍ୟୟ ପରିଚାଳନା ଦଳ ଅଧିକ କର୍ମତତ୍ପର ହେବା ଆବଶ୍ୟକ। ନିର୍ଦ୍ଦିଷ୍ଟ ଭାବରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳର ବିପଦ ଆକଳନକାରୀ ଦଳଗୁଡ଼ିକ ସ୍ଥାନୀୟ ଅଞ୍ଚଳରେ ଧନ ଜୀବନ ହାନି ପାଇଁ କେଉଁ କେଉଁ କାରଣଗୁଡ଼ିକ ପ୍ରମୁଖ ଭାବରେ ଦାୟୀ ହୋଇଥାଏ, ତାକୁ ପ୍ରତିହତ କରିବା ଭଳି କାର୍ଯ୍ୟ କରିବା ଉଚିତ ଅର୍ଥାତ୍ ଅବସ୍ଥା ଅନୁରୂପ ବ୍ୟବସ୍ଥା କରିବା ବିଧେୟ। ଉଦାହରଣ ସ୍ୱରୂପ, କେତେକ ରାଜ୍ୟରେ ମାଟି ଧସିବା ଏବଂ ଧୂଳି ଉଡ଼ିବା କାରଣରୁ ପର୍ଯ୍ୟାପ୍ତ ଧନ ଜୀବନ ହାନି ଘଟିଥାଏ। ସେଭଳି ରାଜ୍ୟମାନଙ୍କରେ ଲୋକମାନଙ୍କୁ ନିଜ ଘର ଛାଡ଼ି ପୂର୍ବରୁ ବ୍ୟବସ୍ଥା କରାଯାଇଥିବା ସ୍କୁଲ ବା ଡାକ୍ତରଖାନାମାନଙ୍କରେ ଆଶ୍ରୟ ନେବାକୁ କୁହାଯିବା ଉଚିତ। ସେହିପରି କଳ କାରଖାନାମାନଙ୍କରେ ସଚେତନତା ସୃଷ୍ଟି କରାଯିବା ସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ସାବଧାନତା ଅବଲମ୍ବନ କରାଯିବା ଉଚିତ, ସେ ସମ୍ବନ୍ଧରେ କର୍ମଚାରୀମାନଙ୍କୁ ଶିକ୍ଷା ଦିଆଯିବା ଉଚିତ। କିନ୍ତୁ ଏସବୁ ସତ୍ତ୍ୱେ ଯେ ପର୍ଯ୍ୟନ୍ତ ପରିବେଶର ଅବକ୍ଷୟକୁ ରୋକାଯାଇ ନ ପାରିଛି, ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷୟକ୍ଷତିକୁ ରୋକିବା କଷ୍ଟସାଧ୍ୟ ହେବ। ତେଣୁ ସମୟୋପଯୋଗୀ ସତର୍କ ସୂଚନା ପ୍ରଦାନ କରିବା ସହିତ ଜଙ୍ଗଲ ହାନି ଓ କ୍ଷତିକାରକ କୃଷି ପଦ୍ଧତିକୁ ରୋକିବା ନିମନ୍ତେ ସରକାର ପଦକ୍ଷେପ ନେବା ଉଚିତ। ■

# ବାହୁ ବଳରେ ବହୁମତ

ଗତକାଲି ଗଣତି ହୋଇ ସାରିଛି କର୍ଣ୍ଣାଟକ ରାଜ୍ୟ ବିଧାନସଭା ନିର୍ବାଚନ ଭୋଟ୍‌ର ଯାହା ଅନୁଷ୍ଠିତ ହୋଇଥିଲା ଗତ ଶନିବାର ଦିନ। ଏହି ନିର୍ବାଚନରେ ମତଦାନ କରିଥିଲେ ହାରାହାରି ୩.୫୮ କୋଟି ଲୋକ, ୫୬,୬୯୬ ମତଦାନ କେନ୍ଦ୍ରରେ। କିନ୍ତୁ ନିର୍ବାଚନୀ ହିଂସାରେ ଜଣକର ହେଲେ ବି ପ୍ରାଣହାନି ଘଟିଥିବା ରିପୋର୍ଟ ହୋଇନାହିଁ ରାଜ୍ୟର ପୁଲିସ୍ ଥାନାମାନଙ୍କରେ। ଏହାର ୪୮ ଘଣ୍ଟାର ବ୍ୟବଧାନ ପରେ ପଶ୍ଚିମବଙ୍ଗ ରାଜ୍ୟର ଗ୍ରାମାଞ୍ଚଳରେ ଅନୁଷ୍ଠିତ ହେଲା ପଞ୍ଚାୟତ ନିର୍ବାଚନ। ସର୍ବଶେଷ ସମ୍ବାଦ ମୁତାବକ ଏହି ନିର୍ବାଚନୀ ହିଂସାରେ ଅତି କମ୍‌ରେ ୧୨ଜଣ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଏକ ସମ୍ବାଦ ମୁତାବକ ଏପ୍ରିଲ ୨ରେ ଏହି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ହେବା ପରଠାରୁ ମେ' ୧୩ ଭିତରେ ଉକ୍ତ ରାଜ୍ୟରେ ନିର୍ବାଚନଜନିତ ହିଂସାକାଣ୍ଡରେ ଅନ୍ତତଃପକ୍ଷେ ୧୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି।

ଉତ୍ତର ଭାରତର ଅନେକଗୁଡ଼ିଏ ରାଜ୍ୟ ଭଳି ସାମ୍ପ୍ରଦାୟିକ ହିଂସାକାଣ୍ଡ ପାଇଁ ପଶ୍ଚିମବଙ୍ଗ କୁଖ୍ୟାତି ଅର୍ଜନ କରିନାହିଁ ସତ, କିନ୍ତୁ ଏଠାରେ ନିର୍ବାଚନୀ ହିଂସା ପ୍ରାୟତଃ ଦେଖିବାକୁ ମିଳିଥାଏ। କେବଳ ଏତିକି ନୁହେଁ, ବ୍ୟାଲଟ୍ ବକ୍ସକୁ ପିଟି ପିଟି ଭଙ୍ଗାଯିବାକୁ ଉଦ୍ୟମ କରାଯିବା, ରାସ୍ତାରେ ବ୍ୟାଲଟ୍ ପେପର ଓ ବକ୍ସରେ ନିଆଁ ଲଗାଇ ଜାଳିବାର ଉଦ୍ୟମ କରାଯିବା, ବ୍ୟାଲଟ୍ ବକ୍ସକୁ ପାଣି ଭିତରକୁ ଫୋପଡ଼ା ଯିବା କିମ୍ବା ତହିଁରେ ପାଣି ଢାଳି ପେପର୍‌ଗୁଡ଼ିକୁ ନଷ୍ଟ କରିବାକୁ ମଧ୍ୟ ଉଦ୍ୟମ କରାଯାଇ ଥିବାର ଦୃଶ୍ୟ ସୋମବାର ଦିନ ଦେଖିବାକୁ ମିଳିଥିଲା ଟେଲିଭିଜନ୍ ଚ୍ୟାନେଲମାନଙ୍କରେ। ଏସବୁ ଦୃଶ୍ୟ ନୂଆ ନୁହେଁ ପଶ୍ଚିମବଙ୍ଗରେ। କିନ୍ତୁ ଏଥରକ ବିରୋଧୀମାନଙ୍କୁ ଯେ କୌଣସି ପ୍ରକାରେ ହେଉ ପଛେ କ୍ଷମତାଠାରୁ ଦୂରେଇ ରଖିବା ପାଇଁ ଶାସକ ତୃଣମୂଳ କଂଗ୍ରେସ କିପରି ଆତୁର ହୋଇ ପଡ଼ିଛି, ତାହା ଏହାର ନେତାମାନଙ୍କ କଥାରୁ ସ୍ପଷ୍ଟ ବୁଝିହୁଏ। ଯେଉଁ ଜିଲ୍ଲାର ପାର୍ଟି ୟୁନିଟ୍ ବିରୋଧୀ ମୁକ୍ତ ବୋର୍ଡ ପ୍ରଦାନ କରିବାରେ ସକ୍ଷମ ହେବ, ତାକୁ ୫ କୋଟି ଟଙ୍କାର ପୁରସ୍କାର ରାଶି ଦେବାକୁ ବି ଦଳର ଜଣେ ଛାମୁଆ ନେତା ତଥା ପରିବହନ ମନ୍ତ୍ରୀ ଘୋଷଣା କରି ସାରିଛନ୍ତି। ଏମିତିକି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ କହିଛନ୍ତି ଯେ ରାଜ୍ୟକୁ ଶାସନ କରୁଥିବା ଦଳ ଯଦି ସ୍ଥାନୀୟ କର୍ତ୍ତୃପକ୍ଷଗୁଡ଼ିକରେ କ୍ଷମତାକୁ ଆସେ, ତା'ହେଲେ ବିକାଶମୂଳକ କାର୍ଯ୍ୟ ପ୍ରତିହତ ହେବନାହିଁ, ବରଂ ବିରୋଧୀମାନେ ଆସିଲେ ତାହା ହେବ। ଏସବୁ ଭିତରେ ବର୍ତ୍ତମାନ ମତଦାନ କେନ୍ଦ୍ରଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ପଶି ଆସିଛି ଆଇନଗତ ଯୁଦ୍ଧର ପରିସର ଭିତରକୁ। ସୁରକ୍ଷା ବ୍ୟବସ୍ଥାକୁ ନେଇ ପଶ୍ଚିମବଙ୍ଗ ସରକାର ଯଥେଷ୍ଟ ବାହାସ୍ଫୋଟ ମାରିଥିବା ବେଳେ ପଶ୍ଚିମବଙ୍ଗ ନିର୍ବାଚନ କମିଶନ ମଧ୍ୟ ସନ୍ତୁଷ୍ଟି ବ୍ୟକ୍ତ କରିଥିଲେ। କିନ୍ତୁ ସୋମବାରର ଦୃଶ୍ୟ ସେମାନଙ୍କ ପାଇଁ ବେଶ୍ ମହଙ୍ଗା ପଡ଼ିଛି। ଆଶା କରାଯାଉ, ଏହି ରାଜ୍ୟର ଆଭିମୁଖ୍ୟ ଅନ୍ୟ କୌଣସି ରାଜ୍ୟ ଆପଣାଇବେ ନାହିଁ ଏବଂ ଉକ୍ତ ଦୃଶ୍ୟପଟ ଅନ୍ୟ କୌଣସି ରାଜ୍ୟକୁ ପ୍ରଭାବିତ କରିବ ନାହିଁ। ■

## ସମ୍ପାଦକଙ୍କୁ ପତ୍ର

### ମଣିଷ ପଣିଆ କିଣାଯାଏ ନାହିଁ

ବିଭିନ୍ନ ପ୍ରକାର ଜିନିଷ ବା ସବୁଠାରୁ ଭଲ ଜିନିଷ ବଜାରରୁ କିଣା ଯାଇପାରେ। କିନ୍ତୁ ଭଲ ମଣିଷ ବଜାରରୁ କିଣାଯାଇପାରିବ ନାହିଁ। ମଣିଷ ତ ସବୁଠାରୁ ଭଲବୋଲି 'ଭଗବତ୍ ଗୀତା'ରେ କହାଯାଇଛି। ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ। କୋଟିଏ ପଶୁ କିମ୍ବା ପକ୍ଷୀଙ୍କ ମଧ୍ୟରେ ଗୋଟିଏ ଅପଶୁ କିମ୍ବା ଅପକ୍ଷୀ କେହି ଦେଖି ନଥିବେ। କିନ୍ତୁ କୋଟିଏ ମଣିଷ ମଧ୍ୟରେ ମାତ୍ର ଗୋଟିଏ ମଣିଷ ଓ ଅବଶିଷ୍ଟ ଅମଣିଷ ପ୍ରାୟ ସମସ୍ତେ ଦେଖିଥିବେ। ଏହାଠାରୁ ଅଧିକ ଆଶ୍ଚର୍ଯ୍ୟ ବା ଲଜ୍ଜାଜନକ ଘଟଣା କିଛି ନାହିଁ। ଏହାର ଏକମାତ୍ର କାରଣ, ସମସ୍ତ ପ୍ରାଣୀଙ୍କୁ ଈଶ୍ୱର ଯେଉଁ ନୀତିନିୟମ ଦେଇଛନ୍ତି, କେବଳ ମଣିଷକୁ ଛାଡ଼ିଦେଲେ, ଅନ୍ୟ କୌଣସି ପ୍ରାଣୀ ତା'ର ବ୍ୟତିକ୍ରମ କରନ୍ତି ନାହିଁ। କେବଳ ମଣିଷ ହିଁ ବ୍ୟତିକ୍ରମ କରେ। ତେଣୁ କେବଳ ମଣିଷ ପୂର୍ବରୁ 'ଅ' (ନକାରାତ୍ମକ) ଅକ୍ଷର ଯୋଗ କରାଯାଇଛି। ତାହା ହେଲା ଅମଣିଷ। ଈଶ୍ୱର ମନୁଷ୍ୟକୁ ଯେଉଁ ଦିବ୍ୟଜ୍ଞାନ ପ୍ରଦାନ କରିଛନ୍ତି, ଅମଣିଷ ହେବା କ'ଣ ସେହି ଦିବ୍ୟଜ୍ଞାନର ଫଳ ? ଆହାର, ନିଦ୍ରା, ଭୟ, ମୈଥୁନ ଏହି ଚାରିଗୋଟି ପ୍ରକୃତି ଆଧାରରେ ମଣିଷ ସମେତ ସମସ୍ତ ପ୍ରାଣୀ ଜଗତ ସମାନ ବୋଲି ଆମେ ଜାଣୁ। କିନ୍ତୁ ମଣିଷ ହିଁ ଏକମାତ୍ର ପ୍ରାଣୀ, ଯିଏ ଏ ସବୁର ଅବମାନନା କରେ। ମୁଖ୍ୟତଃ ଆହାର ଓ ମୈଥୁନ ବାବଦରେ ତାକୁ ନୀତି ନିୟମ ଓ ଅନୀତି କିଛି ଦେଖାଯାଏ ନାହିଁ। ପାଞ୍ଚ ସାତ ବର୍ଷର ବାଳିକାକୁ ମଧ୍ୟ ନିର୍ଯାତନା ଦେବାକୁ ପଛାଏ ନାହିଁ। ଆଉ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ନିରୀହ ପଶୁମାନଙ୍କୁ ହତ୍ୟା କରି ମାଂସ ଭକ୍ଷଣ କରୁ ଓ ଶରୀରରୂପୀ ମନ୍ଦିରରେ ଥିବା ବିଷ୍ଣୁ (ଆତ୍ମଦେବଙ୍କୁ) ଅପବିତ୍ର କରେ। ମଣିଷ ଭୁଲି ଯାଏ ଯେ, ମୃତ ଶରୀରର ସ୍ଥାନ ଶ୍ମଶାନ ଅଟେ, ବିଷ୍ଣୁଙ୍କ ମନ୍ଦିର ନୁହେଁ। କୁହାଯାଏ ପେଚାକୁ ଦିନରେ ଓ କାଉକୁ ରାତିରେ ଦେଖାଯାଏ ନାହିଁ। କିନ୍ତୁ କାମାନ୍ଧ ପୁରୁଷକୁ ଦିନରାତି, ଭଲମନ୍ଦ କିଛି ଦେଖାଯାଏ ନାହିଁ। ଆଉ ରହିଲା ନିଦ୍ରା ଓ ଭୟ। କେବଳ ମଣିଷ ହିଁ ନିଦ୍ରାବସ୍ଥାରେ ଅଚେତନ ଥାଏ। ଅନ୍ୟ ସମସ୍ତ ପ୍ରାଣୀ ସଚେତନ ଥାଆନ୍ତି। ମଣିଷକୁ ଛାଡ଼ି ଅନ୍ୟ ପ୍ରାଣୀମାନେ କେବଳ ନିଜଠାରୁ ଅଧିକ ବଳବାନକୁ ହିଁ ଭୟ କରନ୍ତି। ଏହା ବ୍ୟତୀତ ତାଙ୍କର ଅନ୍ୟକୁ ଭୟ କରିବାର କିଛି ନାହିଁ। କିନ୍ତୁ ମଣିଷ। ସେତ ସମସ୍ତଙ୍କୁ ଭୟ କରେ। ସଂସାରରେ ଲୋକସଂଖ୍ୟା ବଢ଼ି ବଢ଼ି ଚାଲିଛି। କିନ୍ତୁ ମଣିଷ ସଂଖ୍ୟା କମି କମି ଚାଲିଛି। ମଣିଷ ନିଜକୁ ଗଢ଼ିବା ଭୁଲି ଯାଇଛି। ପିତାମାତା ପିଲାମାନଙ୍କର ପରୀକ୍ଷାରେ କେତେ ଶତକଡ଼ା ନମ୍ବର ରହିଲା ଓ କେଉଁ କଲେଜରେ ନାମ ଲେଖା ହେବ, ସେଥିରେ ମଜିଯାଇଛନ୍ତି। କିନ୍ତୁ ପିଲାମାନଙ୍କର ଦିବ୍ୟଜ୍ଞାନ, ଆଧ୍ୟାତ୍ମିକ ଉନ୍ନତି କେତେ ଶତକଡ଼ା ରହିଲା, ତାହା ଅନୁଧ୍ୟାନ କରୁନାହାନ୍ତି। ଯଦି ଆମେ ଆଧ୍ୟାତ୍ମିକ ଉନ୍ନତି କରିବାକୁ ଚାହୁଁ, ତେବେ ପଶୁ ପକ୍ଷୀମାନଙ୍କଠାରୁ ଶିଖିବା ଉଚିତ୍। କାରଣ କୌଣସି ପଶୁ ବା ପକ୍ଷୀ ପୂର୍ବରୁ ଅପଶୁ ବା ଅପକ୍ଷୀ ଲେଖାଯାଏ ନାହିଁ। କାରଣ ଈଶ୍ୱର ଯେମିତି ତାଙ୍କୁ ଗଢ଼ିଛନ୍ତି, ସେମାନେ ସେହିପରି କାର୍ଯ୍ୟ କରୁଛନ୍ତି। କିନ୍ତୁ ମଣିଷ ପୂର୍ବରୁ 'ଅ' ନକାରାତ୍ମକ ଅକ୍ଷର ଯୋଗ କରାଯାଏ। କାରଣ ମଣିଷ ଦିବ୍ୟଜ୍ଞାନର ଅଧିକାରୀ ହୋଇ ଅମଣିଷ କାର୍ଯ୍ୟ କରେ ଏହାକୁ ସବୁ ସମୟରେ ସମସ୍ତେ ସ୍ମରଣ ରଖିବା ଉଚିତ୍।

**ଦିଲ୍ଲୀପ କୁମାର ମହାପାତ୍ର**
**ବଡ଼ମୁଣ୍ଡିଲୋ, ଜଗତ୍‌ସିଂହପୁର**

### ମଦର ପ୍ରଭାବ ସମ୍ପର୍କରେ

ମଦ କିଭଳି ଚେତନା ହରାଇ ଦିଏ ତାହାର ଏକ ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ଆମ ତମାଣ୍ଡୋ ବଜାରରେ। ରାସ୍ତାପାର୍ଶ୍ୱରେ ଅସ୍ଥାୟୀ ଫେରି ଦୋକାନରେ ବରା, ଆଳୁ ଚପ୍ ବିକୁଥିବା ମଦୁଆ ବେପାରୀ ନିକଟରେ ଗରାଖ ଶୂନ୍। ଅଥଚ ତିନି ହାତ ଦୂରତାରେ ସମାନ ଧରଣର ବେପାର ଜାରି ରଖିଥିବା ନିଶାମୁକ୍ତ ବେପାରୀ ପାଖରେ ଗ୍ରାହକଙ୍କ ଭିଡ଼। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ମଦୁଆ ହିଁ ସବୁରି ନଜରରେ ଘୃଣ୍ୟ। ତା' ବ୍ୟବସାୟ ପସରାକୁ ପଚାରେ ବା କିଏ ? ଚିନ୍ତା କରନ୍ତୁ, ମଦର କିଭଳି ମାଇନସ୍ ପ୍ରଭାବ ଓ ପ୍ରତିକ୍ରିୟା। ଲୋକେ ଯାହାକୁ ପସନ୍ଦ ନ କରିବେ, ତାହାର ପାଖ ମାଡ଼ିବେ ନାହିଁ। ଆଶା ଏହି ଦୃଷ୍ଟାନ୍ତ ଜନମାନସକୁ ସଠିକ୍ ମାର୍ଗରେ ଅନୁପ୍ରାଣିତ କରି ସଂସ୍କାର ପାଇଁ ବାଟ ଫିଟାଇବ।

**ମନୋରଞ୍ଜନ ସ୍ୱାଇଁ**
**ତମାଣ୍ଡୋ, ଭୁବନେଶ୍ୱର**

### ନଳକୂପ ବସାଇବାକୁ ଦାବି

ପାନୀୟ ଜଳ ପାଇଁ ଡେରାବିଶ ବ୍ଲକ୍ ଛୋଟି ପଞ୍ଚାୟତ ଗୁଣ୍ଡୁପୁର ଗ୍ରାମବାସୀ ନଦୀର ଦୂଷିତ ଜଳକୁ ବ୍ୟବହାର କରିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ଦେଖାଦେଇଥିବାବେଳେ ଗ୍ରାମବାସୀଙ୍କ ସାହାରା ପାଲଟିଛି ଗୋବରୀ ନଦୀ। ମାତ୍ର ଗ୍ରାମରେ ନଳକୂପଟିଏ ନଥିବାରୁ ଗ୍ରାମ ଦେଇ ବହିଯାଇଥିବା ଗୋବରୀ ନଦୀ ଗ୍ରାମବାସୀଙ୍କ ପାଇଁ ସାହାରା ପାଲଟିଛି। ଦୀର୍ଘ ବର୍ଷ ହେବ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଗ୍ରାମବାସୀମାନେ ପ୍ରଶାସନଠାରୁ ରାଜନେତାଙ୍କ ଯାଏ ଗୁହାରି କରିଚାଲିଛନ୍ତି। ନଦୀର ଜଳକୁ ପାନୀୟ ଜଳ ଭାବେ ଗ୍ରାମବାସୀମାନେ ବ୍ୟବହାର କରିଆସୁଛନ୍ତି। ଏ ବିଷୟରେ ଗ୍ରାମବାସୀ କହନ୍ତି ଆମ ଗ୍ରାମ ଦେଇ ଯାଇଥିବା ଗୋବରୀ ନଦୀରେ ଯେଉଁଠିକି ଗାଈଗୋରୁ ଗାଧୋଇବାଠାରୁ ମଣିଷ ଶୌଚ ହେବାଯାଏ ନଦୀର ପାଣିକୁ ବ୍ୟବହାର କରୁଥିବା ବେଳେ ଆମେ ପାନୀୟ ଜଳ ପାଇଁ ସେହି ନଦୀପାଣି ଉପରେ ନିର୍ଭର କରିଥାଉ। ଏ ବିଷୟରେ ବିଡିଓଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଯାଏ ବାରମ୍ବାର ଗୁହାରି କରୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଆଦୌ ନଜର ଦେଉନାହିଁ। ପାନୀୟଜଳ ସମସ୍ୟା କଥା ଶୁଣିଲେ ରାଜନେତାମାନେ ଏହାର ଖୁବ୍ ଶିଘ୍ର ସମାଧାନ ହେବ ବୋଲି ଦେଇଥିବା ପ୍ରତିଶ୍ରୁତି ଦିଅନ୍ତି। ଏଥିସହିତ ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଗ୍ରାମରେ ନଳକୂପଟିଏ ବସାଇବା ପାଇଁ ଦାବି ହେଉଛି।

**ଅଭୟ କୁମାର ରାଉତ, ଗୁଣ୍ଡୁପୁର**

### ଅନୁରୋଧ

ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ। - **ସମ୍ପାଦକ**

**ଲେଖା ପଠାଇବାର ଠିକଣା,** ସମ୍ପାଦକ, 'ନିତିଦିନ', ପ୍ଲଟ୍ ନଂ-୬୮୭/୩୭୪୫, ଏକାମ୍ରକାନନ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫, e-mail: nitidinedit@gmail.com